# ଜିଲ୍ଲା ସ୍ତରୀୟ ପଞ୍ଚାୟତିରାଜ ଓ ଲୋକସେବା ଦିବସ ପାଳନ ସମାରୋହ ।

ଅନୁଗୋଳ ୦୫.୦୩ :- ଜିଲ୍ଲା ସ୍ତରୀୟ ପଞ୍ଚାୟତିରାଜ ଓ ଲୋକସେବା ଦିବସ ଆଜି ପୂର୍ବାହ୍ନରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷ ଠାରେ ପାଳିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀ ସନ୍ତୋଷ କୁମାର ପ୍ରଧାନ,ସମ୍ମାନୀତ ଅତିଥି ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ଶ୍ରୀ ରଜନୀକାନ୍ତ ସ୍ୱାଇଁ , ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ତ୍ରିଲୋଚନ ପ୍ରଧାନ, ମୁଖ୍ୟ ବକ୍ତା ଭାବେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ଲଳିତ ମୋହନ ବେହେରା ଏବଂ ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ । ସର୍ବପ୍ରଥମେ ଅତିଥି ବୃନ୍ଦ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଦେଇ ଏବଂ ପ୍ରଦୀପ ପ୍ରଜ୍ଜଳନ କରି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ଜିଲ୍ଲା ପରିଷଦର ଅତିରିକ୍ତ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ପଦ୍ମନାଭ ସାମନ୍ତରାୟ ମଞ୍ଚ ପରିଚାଳନା କରିଥିଲେ । ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟର ୧୭ଗୋଟି ଲକ୍ଷ୍ୟକୁ ନେଇ ଏହାର ସ୍ଥାନୀୟ କରଣ ନିମନ୍ତେ ୯ ଗୋଟି ବିଷୟଭିତ୍ତିକ କ୍ଷେତ୍ର ପ୍ରସ୍ତୁତ କରାଯାଇଛି । ଏହି ୯ ଗୋଟି ବିଷୟରେ ଜିଲ୍ଲା ସ୍ତରରେ ସର୍ବୋତ୍ତମ ପ୍ରଦର୍ଶନ କରିଥିବା ୯ ଗୋଟି ପଞ୍ଚାୟତ କୁ ବିଜୁ ପଟ୍ଟନାୟକ ପଞ୍ଚାୟତ ସଶକ୍ତିକରଣ ପୁରସ୍କାର ପ୍ରଦାନ କରାଯାଇଥିଲା । ଜଳ ପାଇଁ ଆତ୍ମନିର୍ଭରଶୀଳତା ପାଇଁ କିଶୋରନଗର ବ୍ଲକର ବାମୁର ପଞ୍ଚାୟତ , ସ୍ୱଚ୍ଛ ଓ ସବୁଜ ପଞ୍ଚାୟତ ପାଇଁ ପାଲଲହଡା ବ୍ଲକ୍ର ବଡସତା ପଞ୍ଚାୟତ, ଆତ୍ମନିର୍ଭରଶୀଳ ଭିତ୍ତିଭୂମି ପାଇଁ କିଶୋରନଗର ବ୍ଲକର ଜଗରଟ ପଞ୍ଚାୟତ, ସୁସ୍ଥ ପଞ୍ଚାୟତ ପଞ୍ଚାୟତ ପାଇଁ ଛେଣ୍ଡିପଦା ବ୍ଲକ୍ ର ନୂଆଗାଁ ପଞ୍ଚାୟତ, ଦାରିଦ୍ର୍ୟମୁକ୍ତ ଏବଂ ଉନ୍ନତ ଜୀବିକା ପାଇଁ ତାଳଚେର ବ୍ଲକ୍ର ଜଗନ୍ନାଥପୁର ପଞ୍ଚାୟତ, ଶିଶୁ ପ୍ରିୟ ପଞ୍ଚାୟତ ପାଇଁ ଛେଣ୍ଡିପଦା ବ୍ଲକ୍ର ବାହାଲସାହି ପଞ୍ଚାୟତ, ସାମାଜିକଭାବେ ସୁରକ୍ଷିତ ପଞ୍ଚାୟତ ପାଇଁ କିଶୋରନଗର ବ୍ଲକ୍ରହିମିତିରା ପଞ୍ଚାୟତ ଓ ସୁଶାସନ ପଞ୍ଚାୟତ ପାଇଁ ତାଳଚେର ବ୍ଲକ୍ର ଘଣ୍ଟପଡା ପଞ୍ଚାୟତ, ମହିଳା ଅନୁକୂଳ ପଞ୍ଚାୟତ ପାଇଁ ବଣ୍ଠରପାଳ ବ୍ଲକ୍ର ସାଆନ୍ତରାପୁର ପଞ୍ଚାୟତ ଏକ ଲକ୍ଷ ଟଙ୍କା ଲେଖାଏଁ ଓ ମାନପତ୍ର ପାଇଥିଲେ । ସବୁ ବିଷୟରେ ସାରା ଜିଲ୍ଲାରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ତିନିଗୋଟି ପଞ୍ଚାୟତକୁ ମଧ୍ୟ ପୁରସ୍କୃତ କରାଯାଇଥିଲା । ତାଳଚେର ବ୍ଲକର ଘଣ୍ଟପଡା ପଞ୍ଚାୟତ ପ୍ରଥମ ପୁରସ୍କାର ସ୍ୱରୁପ ତିନିଲକ୍ଷ ଟଙ୍କା ଓ ମାନପତ୍ର ପାଇଥିଲେ । କିଶୋରନଗର ବ୍ଲକର ହଣ୍ଡପା ପଞ୍ଚାୟତ ଦ୍ୱିତୀୟ ପୁରସ୍କାର ସ୍ୱରୁପ ଦୁଇ ଲକ୍ଷ ଟଙ୍କା ଓ ମାନପତ୍ର ପାଇଥିଲେ, ପାଲଲହଡା ବ୍ଲକର ବନ୍ଧାଭୂଇଁ ପଞ୍ଚାୟତ ତୃତୀୟ ପୁରସ୍କାର ସ୍ୱରୁପ ଏକ ଲକ୍ଷ ଟଙ୍କା ଓ ମାନପତ୍ର ପାଇଥିଲେ । ଶେଷରେ ଜିଲ୍ଲା ପରିଷଦର ଅତିରିକ୍ତ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ, ଅନୁଗୋଳ ।

ଜ୍ଞାପକ ସଂଖ୍ୟା- ୧୯୩ ତା.୦୫.୦୩.୨୦୨୩

ଏହାର ଏକକିତା ନକଲ ସମସ୍ତ ଜିଲ୍ଲା ସ୍ତରୀୟ ସାମ୍ବାଦିକଙ୍କ ସଦୟ ଅବଗତି ଓ ଏହାର ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

କୈଳାଶ ଚନ୍ଦ୍ର ବେହେରା

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଅନୁଗୋଳ




ଜିଲ୍ଲାସ୍ତରୀୟ
ପଞ୍ଚାୟତି ରାଜ ଓ ଲୋକ ସେବା ଦିବସ ପାଳନ ସମାରୋହ
ତାରିଖ- ୦୫ ମାର୍ଚ୍ଚ ୨୦୨୩
ସ୍ଥାନ- ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷ, ଅନୁଗୋଳ
ଆୟୋଜକ- ଜିଲ୍ଲା ପରିଷଦ, ଅନୁଗୋଳ